# Akashvani, Sambalpur

## SAMBALPURI NEWS BULLETIN

### 8 September 2024- 6.47- 6.52 am.

************************************************

ନୂଆଖାଇ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ କୃଷିଭିତିକ ଗଣପର୍ବ ନୂଆଖାଇ । ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥିଥି ପଶ୍ଚିମ ଓଡ଼ିଶା ନ ଲୁକେ ନିଜର୍ ନିଜର୍ ଇଲାକାର୍ ଦେ ଦେବ୍‌ତାଙ୍କର୍ ରାଶି ଅନ୍‌ସାରେ ଧାରିଜ୍ ଲଗନ୍‌ଥି ଦେ ଦେବ୍‌ତାଙ୍କୁ ନୂଆଁ ଲଗାଲା ଉତ୍‌ରୁ ନିଜର୍ ଘରେ ନୂଆ ଖାଏବେ । ସମ୍ବଲ୍‌ପୁର୍ ନ ଇଷ୍ଟଦେବୀ ମା ସମଲେଇଙ୍କର୍ ଠାନେ ନୂଆ ଲଗାବାର୍‌କେ ସବୁ ପ୍ରକାରର୍ ପ୍ରସ୍ତୁତି ସରିଛେ । ସଖାଲର୍ ୯ ବାଜିକରି ୧୨ ମିନିଟ୍‌ନୁ ୯ ବାଜିକରି ୨୭ ମିନିଟ୍ ଭିତ୍‌ରେ ମା ସମଲେଇଙ୍କର୍ ଠାନେ ନୂଆ ଲଗାଯିବା । ନୂଆ ଖାଇସାଏଲା ଉତ୍‌ରୁ ଲୁକେ ଦେ’ ଦେବ୍‌ତାଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ବଡ଼ ସାନ୍ ଯାହାକେ ଯେନ୍‌ତା ମାଏନ୍ ସେ ହିସାବେ ଜୁହାର୍ ଭେଟ୍ ହେବେ । ଉପର୍‌ବେଲା ଗାଁ ସହର୍ ସବୁ ନ ଜୁହାର୍ ଭେଟ୍ କାର୍ଯ୍ୟକ୍ରମ୍ ହେବା ।

ନୂଆଖାଇ ଲାଗି ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ହେଇଛେ ଗହଲ୍ ଚହଲ୍ । ବାହାରେ କାମ୍‌ଧାମ୍ ଆର୍ ପାଠ୍ ପଢୁଥିବା ଲୁକେ ନିଜର୍ ପରିବାର୍ ସାଙ୍ଗେ ନୂଆ ଖାଏବାର୍‌କେ ଗଲାକାଏଲ୍‌ନୁ ଘର୍‌ମାନ୍‌କୁ ପୁହୁଁଚି ଯାଇଛନ୍ । ଗଲାକାଏଲ୍ ଜାଗା ଜାଗା ନୂଆଖାଇ ହାଟ୍ ବସିଥିବାର୍ ବେଲେ ଘର୍‌ମାନ୍‌କୁ ନୂଆଖାଇର୍ ସାଜୋ ଜୁଗାଡ୍ ହେଇସାରିଛେ । ଗାଁମାନ୍‌କୁ ଝାଁକର୍‌ମାନେ ଲୋକ୍‌ମାନ୍‌କର୍ ଘରେ ନୂଆଧାନ୍ ପୁହୁଁଚେଇଛନ୍ ।

ନୂଆଖାଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସେ ତାଙ୍କର୍ ବାର୍ତାଥି ସୁଖ, ଶାନ୍ତି, ମୈତ୍ରୀ ଆର୍ ଆନନ୍ଦ ଆଉ ପରମ୍ପରାର୍ ପରବ୍ ନୂଆଖାଇ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନେଇଛନ୍ । ଇତାର୍‌ସଙ୍ଗେ ରାଜ୍ୟପାଲ୍ ରାଜ୍ୟର୍ ଚାଷୀ ଭାଏବହେନ୍ ମାନ୍‌କର୍ ସୁଖ ଆର୍ ସମୃଦ୍ଧି କାମନା କର୍‌ବାର୍ ସାଙ୍ଗେ ଓଡ଼ିଶାକେ ଗୁଟେ ଅଗ୍ରଣୀ ଆର୍ ପ୍ରଗତିଶୀଳ ରାଜ୍ୟ ବନାବାର୍‌କେ ଆହ୍ବାନ୍ ଦେଇଛନ୍ ।

ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପଶ୍ଚିମ ଓଡ଼ିଶାର୍ ବଡ଼ଖା ତିହାର୍ ନୂଆଖାଇ ଲାଗି ସମ୍‌କୁ ନୂଆଖାଇ ଜୁହାର୍, ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନେଇଛନ୍ । ମା ସମଲେଇଙ୍କର୍ ଅପାର କୃପାନୁ ଧର୍‌ତି ମା ଶସ୍ୟ ଶ୍ୟାମଳା ହଉ ଆର୍ ସମ୍‌କିରିର୍ ଜୀବନ୍ ସୁଖ, ଶାନ୍ତି ଆଉ ସମୃଦ୍ଧିଥି ଭରିଯାଉ ବଲି ସେ କାମନା କରିଛନ୍ ।

ମୁଖ୍ୟମନ୍ତ୍ରୀ- ସମ୍ବଲପୁର        ଆର୍ଏନ୍ୟୁ /ସମ୍ବଲପୁର

ଗଣପର୍ବ ନୂଆଖାଇ ଅବ୍ସରେ ସମ୍ବଲ୍ପୁର୍ର ଭିନ୍ ଭିନ୍ ଅନୁଷ୍ଠାନ୍ ତର୍ଫୁ ନୂଆଖାଇ ଭେଟ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ଇ ବଛର୍ ପହେଲାଥର୍ ଲାଗି ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଲୋକ୍ମାନ୍କର୍ ସାଙ୍ଗେ ନୂଆଖାଇର୍ ଉସ୍ନାକିଥି ସାମିଲ୍ ହେବାର୍କେ ସମ୍ବଲ୍ପୁର୍ ଗସ୍ତ ନ ଆସୁଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ନୂଆଖାଇ ପରବ୍ଥି ସାମିଲ୍ ହେବାର୍କେ ପୁହୁଁଚିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆର୍ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ମନ୍ଦ୍ଲିଆର ରିଭର୍ଇନ୍ ରିସର୍ଟ, ଝାଡୁଆପଡ଼ାର୍ ଆରଣ୍ୟକ ମଂଚ, ସମ୍ଲେଇଗୁଡ଼ି ଆର୍ ନନ୍ଦପଡ଼ା ନ ହେବାର୍କେ ଯାଉଥିବା ନୂଆଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସିଏମ୍ କିଷାନ        ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସମ୍ବଲ୍ପୁର୍ ନ ମୁଖ୍ୟମନ୍ତ୍ରୀ କିଷାନ୍ ଯୋଜ୍ନା- ସିଏମ୍ କିଷାନ୍ର ଶୁଭାରମ୍ଭ କର୍ବେ । ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ - ଜିଏମ୍ୟୁ ପରିସର ନ ଥିବା ପ୍ରେକ୍ଷାଳୟଥି  ହେବାର୍କେ ଥିବାର୍

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ୪୬ ଲାଖ୍ କ୍ଷୁଦ୍ର ଆଉ ନାମମାତ୍ର ଚାଷୀ ଆଉ କୃଷି ଶ୍ରମିକଙ୍କୁ ୯ ଶହ ୨୫ କୋଟିନୁ ଅଏତ୍‌କା ଟଙ୍କାର୍ ଆର୍ଥିକ୍ ସାହାଜ୍ ଡିବିଟି ଜରିଏ ଦେବେ । ଇତାର୍‌ସଙ୍ଗେ ମୁଖ୍ୟମନ୍ତ୍ରୀ ସି.ଏମ୍. କିଷାନ୍ ପୋର୍ଟାଲ୍ ଆଉ ପି.ଏମ୍. କିଷାନ୍ ଯୋଜ୍‌ନାର୍ ସ୍ୱତନ୍ତ୍ର ଅଭିଯାନ୍ ସଙ୍ଗେ କୃଷକ୍ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ୍‌ର ଉନ୍ମୋଚନ୍ କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ସିଏମ୍ କିଷାନ୍ ପୋର୍ଟାଲ୍ ଜରିଏ ସି.ଏମ୍. କିଷାନ୍ ଆର୍ ପି.ଏମ୍. କିଷାନ୍ ଯୋଜ୍‌ନାର୍ ନୂଆ ହିତାଧିକାରୀମାନ୍‌କର୍ ନାଁ ପଞ୍ଜିକରଣ୍ କରାଯାଇପାର୍‌ବା । ସେନ୍ତା ପି.ଏମ୍. କିଷାନ୍ ଯୋଜ୍‌ନାଥି ଆଏବା ୨ ମାସ୍‌ତକ୍ ସବୁ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କର୍‌ବାର୍‌କେ ପି.ଏମ୍. କିଷାନ୍ ଯୋଜ୍‌ନାର୍ ସ୍ୱତନ୍ତ୍ର ଅଭିଯାନ୍ ଆଏଜ୍‌ଠାନୁ ମୁଲ୍ ହେବା ।

ସୋମ୍‌ବାର୍ ବେଙ୍କ୍ ବନ୍ଦ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ଗଣପର୍ବ ନୂଆଖାଇ ଅବ୍‌ସରେ ଆଏବାକାଏଲ୍ ରାଏଜର୍ ସବୁ ବେଙ୍କ୍ ଆଉ ବେଙ୍କିଙ୍ଗ୍ ସଂସ୍ଥା ବନ୍ଦ୍ ରହେବା ବଲି ରାଜ୍ୟ ସର୍‌କାର୍ ଘୋଷ୍‌ନା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ରାଜ୍ୟ ସର୍‌କାର୍ ରାଜ୍ୟର୍ ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପାଉଥିବା ଆର୍ ଘରୋଇ

ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ସୋମ୍‌ବାର୍ ଦିନ ଛୁଟି ଘୋଷ୍‌ନା କରିସାରିଛନ୍ ।

ତୁହିନ୍‌କାନ୍ତ ପାଣ୍ଡେ- କେନ୍ଦ୍ର ଅର୍ଥ ସଚିବ    ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା କେଡ଼ର୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ତୁହିନ୍‌କାନ୍ତ ପାଣ୍ଡେଙ୍କୁ କେନ୍ଦ୍ର ସର୍‌କାର୍‌ଙ୍କର୍ ଅର୍ଥ ସଚିବ ଭାବେ ନିଯୁକ୍ତି ମିଳିଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଅର୍ଥମନ୍ତ୍ରଣାଳୟଥି ନିବେଶ୍ ଆର୍ ସାର୍ବଜନୀନ ସମ୍ପତି ପ୍ରବନ୍ଧନ୍ ବିଭାଗ୍‌ର ସଚିବ ଭାବେ କାମ୍ କରୁଥିବା ଶ୍ରୀ ପାଣ୍ଡେଙ୍କୁ ଅର୍ଥ ସଚିବ କରାଯାଇଛେ ।

ବୈଷୟିକ ଶିକ୍ଷାନୁଷ୍ଠାନ- ନାଁଲେଖା        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ବୈଷୟିକ ଶିକ୍ଷାନୁଷ୍ଠାନ୍ ମାନ୍‌କୁ ଖାଲିଥିବା ସବୁ ସିଟ୍‌ଥି ନାଁଲେଖା ଆଏବା ୧୫ ତାରିଖ୍‌ତକ୍ ଶେଷ୍ କର୍‌ବାର୍‌କେ ଦକ୍ଷତା ବିକାଶ୍ ଆର୍ ବୈଷୟିକ ଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା - ଓଜେଇଇ ର ବୈଧ ରେଙ୍କ୍ ଆର୍

ଜାତୀୟସ୍ତରୀୟ ଏକକ ପ୍ରବେଶିକା ପରୀକ୍ଷାଥି ରେଙ୍କ୍ ରଖିଥିବା ଛାତ୍ରଛାତ୍ରୀମାନେ ଇ ନାଁଲେଖା ପ୍ରକ୍ରିୟାଥି ଭାଗ୍ ନେଇପାର୍‌ବେ । ଯେନ୍ ଛାତ୍ରଛାତ୍ରୀମାନେ ପ୍ରାଥମିକ ଓଜେଇଇ କାଉନ୍‌ସେଲିଂଥି ଭାଗ୍ ନାଇଁ ନେଇଥିବେ, ହେଲେ ଓଜେଇଇ କାଉନ୍‌ସେଲିଂ ପ୍ରକ୍ରିୟା ନୁ ନାଇଁ ଅଲ୍‌ଗିଥିବେ ସେମାନେ ଇ ନାଁଲେଖା ପ୍ରକ୍ରିୟାଥି ଭାଗ୍ ନେବାର୍ ସୁଯୋଗ୍ ପାଏବେ । ଯେନ୍‌ମାନେ କାଉନ୍‌ସେଲିଂଥି ଭାଗ୍ ନେଇଥିବେ ହେଲେ ସିଟ୍ ନାଇଁ ପାଇଥିବେ ସେମାନ୍‌କୁ ଭିଲ୍ ନାଁଲେଖାର୍ ସୁଯୋଗ୍ ମିଲ୍‌ବା । ଚୂଡ଼ାନ୍ତ ସିଟ୍ ଆବଂଟନ୍ ଉତ୍‌ରୁ ଖାଲି ସିଟ୍‌ଥି ଓଜେଇଇର ନିୟମ୍ ଅନ୍‌ସାରେ ନାଁ ଲେଖାଯିବା ।

ପଦମ୍‌ପୁର୍-ପୁରୀ ବସ୍ ସେବା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାର୍ ପଦମ୍‌ପୁର୍‌ନୁ ପୁରୀକେ ଜଗନ୍ନାଥ୍ ଏକ୍ସପ୍ରେସ୍ ବସ୍ ସେବା ମୁଲ୍ ହେଇଛେ । ସାଂସଦ ପ୍ରଦୀପ୍ ପୁରୋହିତ୍ ଗଲାକାଏଲ୍ ପଦମ୍‌ପୁର୍ ନ ଇ ବସ୍ ସେବାର୍ ଶୁଭାରମ୍ଭ କରିଛନ୍ । ଇ ବସ୍ ସେବା ଫି’ ଦିନ ସଞ୍ଜ୍‌ବେଲା ୭ ବଜେ ପଦମ୍‌ପୁର୍‌ନୁ ବାହାରିକରି ବର୍‌ଗଡ୍, ସମ୍ବଲ୍‌ପୁର୍ ଆର୍ ରେଢ଼ାଖୋଲ୍ ଦେଇକରି ପୁରୀକେ ଯିବା ।

ବର୍‌ଗଡ୍‌ ହାତୀ ବର୍‌ଗଡ୍‌ ସମ୍ବାଦଦାତା

ବର୍‌ଗଡ୍‌ ଜିଲ୍ଲାର୍‌ ଭଟ୍‌ଲି ଇଲାକାର୍‌ ଗାଁ ମାନ୍‌କୁ ୨ ଘର୍‌ ହାତୀ ବୁଲୁଛନ୍‌ । ଗଲାକାଏଲ୍‌ ଦୁହି ହାତୀ ବର୍‌ଗଡ୍‌ ସହର୍‌ ପାଖର୍‌ ଏକାମ୍ର ଛକ୍‌ ଆର୍‌ ସର୍‌ସରା ଆଡ଼୍‌କେ ପଲେଇଆସିଥିଲେ । ରାତି ସାରା ଜଙ୍ଗଲ୍‌ ବିଭାଗ୍‌ର ୫୦ ନୁ ଅଏତ୍‌କା କର୍ମଚାରୀ ହାତୀମାନ୍‌କର୍‌ ଉପ୍‌ରେ ନଜର୍‌ ରଖିଥିବାର୍‌ ବେଲେ ଇଲାକାର୍‌ ବିଜ୍‌ଲି ଯୁଗାଣ୍‌କେ ବନ୍ଦ୍‌ କରାଯାଇଛେ ।